# ଜନ୍ମଭୂମି

କବି:ପଦ୍ମଚରଣ ପଟ୍ଟନାୟକ

ଶ୍ରେଣୀ:ଷଷ୍ଠ

ତୃତୀୟ ଦିନ



Website: www.odmegroup.org
Email: info@odmps.org

Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## SUB-CONCEPTS:ପ୍ରିୟ ପରିବାର ଦୟାଶୀଳ ପିତାମାତାଙ୍କୁ ନେଇ ମୋ ପରିବାର ମହାନ ।

ପୂର୍ବ ପାଠ୍ୟର ଆଲୋଚନା-

୧.ଆମର ଶୋଷ କିଏ ମେଣ୍ଟାଇ ଥାଏ?

୨.ଜୀବନ ଧାରଣ ଆମେ କିପରି କରିଥାଉ?

୩.କାହାକୁ ଆମେ ଜନନୀ ସମାନ ବୋଲି କହିଥାଉ?

ODM EDUCATIONAL GROUP
Changing your Tomorrow





# କବିତାଂଶ ବ୍ୟାଖ୍ୟା:

ଯେ ଦେଶେ ଅଛନ୍ତି ମୋର ପ୍ରିୟ
ପରିବାର
ଦୟାମୟ ପିତା ପୁଣି ଜନନୀ ମୋହର
॥
ସ୍ନେହର ପିତୁଳା ଭାଇ ଭଉଣୀ
ସକଳେ
ଶୋଭନ୍ତି ଫୁଟିଲା ଫୁଲ ପରି ମୋର
ଘରେ ॥
ଯେ ଦେଶେ ଖେଳର ସାଥି ପ୍ରିୟ
ବନ୍ଧୁଗଣ
ସାଜି ରହିଛନ୍ତି ଯେହ୍ନେ ନନ୍ଦନ କାନନ ॥
ସେହି ମୋର ଜନ୍ମଭୂମି ଜନନୀ ସମାନ
ଧରାତଳେ କାହିଁ ଅଛି ତା ସମାନ ସ୍ଥାନ

## କବିତାଂଶ ବ୍ୟାଖ୍ୟା:

ଯେ ଦେଶର ଗିରି ନଦୀ କେତେ ଶୋଭା
ଧରେ
ଖଣି ମଧ୍ୟେ ଶୋଭେ ମଣି,ମୁକୁତା ସାଗରେ
।।
ଅସଂଖ୍ୟ ନକ୍ଷତ୍ର ଶୋଭେ ସୁନୀଳ ଆକାଶେ
ନବ ଜଳଧର ସଙ୍ଗେ ସୌଦାମିନୀ ଭାସେ
।।
ଯେ ଦେଶ କାନନେ ଶୋଭେ କେତେ
ତୋରା ଫୁଲ
କଳ କଣ୍ଠେ ଗାଏ ଗୀତ ବିହଙ୍ଗମ କୁଳ ।।
ସେହି ମୋର ଜନ୍ମଭୂମି ଜନନୀ ସମାନ
ଧରା ତଳେ ନାହିଁ ଅଛି ତା ସମାନ ଆନ ।।

- ଯେଉଁ ଦେଶର ପର୍ବତ ନଦୀ ଅନେକ ଶୋଭାଧାରଣ କରେ,ଯାହାର ଖଣିରେ ମଣି ଓ ସାଗରରେ ମୁକ୍ତା ରହିଛି,ଯାହାର ସୁନୀଳ ଆକାଶରେ ଅସଂଖ୍ୟ ନକ୍ଷତ୍ର ଶୋଭା ପାଉଛନ୍ତି,ଓ ନୂତନ ମେଘ ସହ ବିଜୁଳି ଭାସିଯାଉଛି,ଯେଉଁ ଦେଶର ବନରେ ସୁନ୍ଦର ଫୁଲ ଶୋଭାପାଏ ଓ ନାନାବିଦ୍ଧ ପକ୍ଷୀ କଳରବ କରି ଗୀତ ଗାଇଥା'ନ୍ତି,ସେହି ମୋର ଜନନୀ ତୁଲ୍ୟ ଜନ୍ମଭୂମି ଅଟେ ।

- ଯାହାର ଅନ୍ନ ଜଳ ଖାଇ ମୁଁ ଶରୀର ଧାରଣ କରିଛି,ଯାହାର ନାମରେ ଏ ପୃଥିବୀରେ ମୁଁ ପରିଚିତ,ଯାହାର ଗୌରବରେ କେତେ ସୁଖ ଫୁଟି ଉଠେ,ଆଉ ଯାହାର ପତନରେ ମୋର ପତନ ଅବଶ୍ୟମ୍ଭାବୀ,ଦୂର ଦେଶରେ ଥାଇ ମନେ ପକାଇଲେ ମନ ଖାଲି ବିକଳ ହୁଏ,ଦୁଃଖରେ ଝୁରି ହେବାକୁ ପଡେ,ତାହା ପାଇଁ ଯେଉଁ ଲୋକ ଆପଣାର ରକ୍ତବିନ୍ଦୁ ଦାନ ନ କରେ,ସେ କୃତଘ୍ନ ପଶୁ ସହିତ ସମାନ ଅଟେ ।

# କଠିନ ଶବ୍ଦର ଅର୍ଥ:

- ପିତୁଳା-କଣ୍ଢେଇ
- ସକଳେ-ସମସ୍ତେ
- ଶୋଭନ୍ତି-ଶୋଭାପାଆନ୍ତି
- ଯେହ୍ନେ-ଯେପରି
- କାନନ-ବନ,ଜଙ୍ଗଲ
- ନନ୍ଦନ କାନନ-ସ୍ୱର୍ଗ ସୁଖ
- ଗିରି-ପର୍ବତ
- ଜଳଧର-ମେଘ
- ସୌଦାମିନୀ-ବିଜୁଳି
- ତୋରା-ମନୋହର

ODM EDUCATIONAL GROUP
Changing your Tomorrow

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ପ୍ରିୟ-ଅପ୍ରିୟ
ଦୟା-ନିର୍ଦ୍ଦୟ
ସମାନ-ଅସମାନ
ଭୂମି-ଭୂମା
ଆକାଶ-ପାତାଳ

## ପ୍ରତିଶବ୍ଦ:

ନଦୀ-ତଟିନୀ,ସରିତ
ସାଗର-ସିନ୍ଧୁ-ପାରାବାର
ଜଳଧର-ମେଘ,ବାରିଦ
ବିଜୁଳି-ମେଘ,ବାରିଦ
ବନ୍ଧୁ-ସାଥୀ,ମିତ୍ର
ଭଉଣୀ-ଭଗ୍ନୀ,ଭଗିନୀ
ଭାଇ-ଭାତୃ,ଭ୍ରାତା

# ଗୃହକର୍ମ:

ତୁମ ପରିବାର ବିଷୟରେ ଏକ ଅନୁଚ୍ଛେଦ ଲେଖ ।

# THANKING YOU

# ODM EDUCATIONAL GROUP